[illegible]

ଶ୍ରୀ ପ୍ୟାରିମୋହନ ଦାସ ।

✣କବି ଶ୍ରୀ ବୈଷ୍ଣବ ପାଣିଙ୍କ ବିରଚିତ✣

ଇନ୍ଦ୍ରଜିତ ଯୁଦ୍ଧ

ବା

ମେଘନାଦ ବଧ ସୁଆଙ୍ଗ ।

ଶ୍ରୀ ପ୍ୟାରିମୋହନ ଦାସଙ୍କ ଦ୍ୱାରା

ପ୍ରକାଶିତ ।

ଅରୁଣୋଦୟ ଯନ୍ତ୍ରାଳୟର ମେସିନ୍‌ଯନ୍ତ୍ରେ ମୁଦ୍ରିତ ।

ପ୍ରଥମ ସଂସ୍କରଣ ।

Printed by Nityananda Sahoo
at the Arunodaya Press
CUTTACK
1925

ମୂଲ୍ୟ ୦ ।୵ ତିନିଅଣା ମାତ୍ର ।

ମେଘନାଦବଧ

ସୁଆଙ୍ଗ ।

(ପାହୁଥିଲା ଘଣ୍ଟା କେତେ ହୁରୁଯୋଗରେ—ବୃନ୍ଦେ)

ଭଜ ହେ ରସିକଜନେ ରାମାମୃତରସରେ । ଅହଲ୍ୟାତାରଣ
ମ କମଳା ବିଳାସ ରେ । ପଦ । ଆଦ୍ୟ ଅବତାରେ ମୀନ ମୂରତି
ଲେ, ଶଙ୍ଖାସୁର ଦାନବକୁ ନାଶିଲେ ହେଲେ । କମଠ ନୃସିଂହ
ଳି ବଳହନ୍ତା ବେଶରେ । ୧ । ପରଶୁ ହସ୍ତେ ପରଶୁରାମ ଶରୀର,
ଭୃଗୁପତି ନାମେ ଖ୍ୟାତ କ୍ଷତ୍ରିୟେ ସାର । ଏକବିଂଶବାର କ୍ଷତ୍ରି-
ଳ କଲେ ନାଶ ରେ ॥ ଦେବ ହିତଅର୍ଥେ ରଘୁମୂରତି ଧରି, ସରଯୂ
ଟେ ଜନମ ଅଯୋଧ୍ୟାପୁରୀ । କୀର୍ତ୍ତିଧ୍ୱଜା ଉଡ଼ାଇ ତାରିଲେ ସୂର୍ଯ୍ୟ-
ଶରେ । ୩ । ହେ ନରେ ଭକତିଭରେ ଭଜ ସେ ପଦ, ଯେ ପଦ
ଇଛି ବ୍ରହ୍ମା ଇନ୍ଦ୍ର ସମ୍ପଦ । ବିପ୍ର ବଇଷ୍ଣବ ତାହା ପାଇବ କି
ଶେଷରେ । ୪ ।

(ଶିବ ଓ ଦୁର୍ଗାଙ୍କର ପ୍ରବେଶ)

ର୍ଗା—ଚନ୍ଦ୍ରଚୂଡ଼ ।

ଜନ୍ମେ ଜନ୍ମେ ଦାସୀ ମୁହିଁ ତବ ପଦଯୁଗେ,
ଥିଉ ଥାଏ ଅବିରତ

ଶୁଣି ରାମାୟଣ ଗ୍ରନ୍ଥ ତବ ମୁଖୁଁ
କୃତାର୍ଥ ହୋଇଲା ଜୀବ ମୋର,
ଅଯୋଧ୍ୟାନିବାସୀ ରାମ ରାଜୀବଲୋଚନ
ପାଳି ପିତା-ସତ୍ୟ ପ୍ରବେଶିଲେ ବିଜନ ବିପିନେ
ରାମବାମା ଜନକତନୟା
ପଞ୍ଚବଟୀଠାରୁ ହରି ଆଣିଲା ରାବଣ,
ତହୁଁ ରାମ ସୀତା ଅନ୍ୱେଷଣେ
ପ୍ରବେଶି କିଷ୍କିନ୍ଧ୍ୟା ରାଜ୍ୟେ
ସୁଗ୍ରୀ ସଙ୍ଗେ ମିତ୍ରତା ସ୍ଥାପିଣ
ବଧିଲେ ବାନରପତି ବାଳି ମହାବଳ—
ତହୁଁ କପିସେନା ଘେନି କୌଶଲ୍ୟା ଅତ୍ମଜ,
ହନୂଠାରୁ ସଙ୍କେତ ପାଇଣ
ସୀତା ହେତୁ ସେତୁ କଲେ ସାଗରେ ବନ୍ଧନ
ପଞ୍ଚାଶକୋଟି ମର୍କଟ ଭୁଲେ ଦୟାନିଧି
ପ୍ରବେଶିଲେ ଲଙ୍କା—ବଧିଲେ ରାକ୍ଷସ ବହୁ ସେନା,
କୁମ୍ଭକର୍ଣ୍ଣ ଆଦି ଯେତେ ଯେତେ,
ରାବଣର ପୁତ୍ର ବୀରବାହୁ
ପ୍ରବେଶିଣ ଭୀଷଣ ସମରେ
ରାମ କରେ ହରାଇଲା ପ୍ରାଣ
ଏହାପରେ କି କି କାର୍ଯ୍ୟ କଲେ ରଘୁମଣି,
ସଂକ୍ଷେପିଣ କହିବ ଧୂର୍ଜ୍ଜଟି ।
ଶିବ—ଶୁଣ ପ୍ରିୟେ ଦକ୍ଷରାଜଜେମା !
ମୁହିଁ କ୍ଷୁଦ୍ର ବୁଦ୍ଧି
କି ସାଧ୍ୟ ମୋହର ରାମଲୀଳା କରିବ ବର୍ଣ୍ଣନ ।
ବେଦେ ବ୍ରହ୍ମା ଯାର ଅନ୍ତ ନ ପାଇଲେ ଖୋଜି,
ସେହି ଆତ୍ମାରାମ
ବସି ମୋର ହୃଦେ, କହି ଦେଉଛନ୍ତି ଯାହା କହୁଅଛି ମୁହିଁ
ତେବେ, ସ୍ଥିରଚିତ୍ତେ ଧୀର ମନେ ଶୁଣ ଗୋ ଚଣ୍ଡିକେ ।

(ଯାଅ ନା ଯାଅ ନା ରୁ ଉପନାମ ମୁହାଁରେ—ବୁଢେ)

ଶୁଣ ଶୁଣ ରୁ ଗିରିବରତନୟା ଶ୍ରୀରାମ ନାମ ଶ୍ରୁତିପଥରେ । ହୃତ ହୋଇବ ଚିତ୍ତରୁ ତୋର ଖ୍ୟାତ ହୋଇବୁ ଏ ଜଗତରେ । ପଦ । ଶୁକ ସନକ ଜନକ ଋଷି, ଯେବଣ ନାମ ଚିତ୍ତରେ ଘୋଷି । ଭଜ କାକର ଚତୁରଙ୍କର ହେଲା ପଡ଼ନ୍ତେ କୁଣ୍ଡ ଭିତରେ । ୧ । ମହର୍ଷି-ଶ୍ରେଷ୍ଠ ବ୍ୟାସ ବଶିଷ୍ଠ ଯେବଣ ନାମ ବାଲ୍ମୀକି ଖଣ୍ଡ । ଅନ୍ତେ ଭଜିଲେ ଚିନ୍ତା ତେଜିଲେ ବିଖ୍ୟାତ କଲେ ଜନ ହୃତରେ । ୨ । ବାଜ ଚରଣ ହେଲା କାରଣ, ବିପୁଳ ବନେ ନାଶ ପାଷାଣ । ଶରଣ ଗଲି ସେହି ଚରଣେ ବିପ୍ର ବଇଷ୍ଣବ ଭଣେ ଗୀତରେ । ୩ ।

(ଉଭୟଙ୍କ ପ୍ରସ୍ଥାନ)

ଶୁଭ ପ୍ରିୟେ ! ଏକାମ୍ରକାନନେ
ଦୂତ ମୁଖୁଁ ବାରତା ପାଇଣ
ଯାହା ଶତ୍ରେ ପାଇଲ ରାବଣ
ଏକାନ୍ତରେ ବସି ତୋତେ ଶୁଣାଇବ ସବୁ—

(ରାବଣ ଓ ଶୁକ ସାରଣର ପ୍ରବେଶ)

ରାବଣ—କହ ମନ୍ତ୍ରୀ ହେ ଶୁକ ସାରଣ
ରଣକ୍ଷେତ୍ରେ ଗଲା ବୀରବାହୁ
ରାହୁରୂପୀ କୁମର ମୋହର
ରାମଚନ୍ଦ୍ର ଚନ୍ଦ୍ର କରିଲା କି ଗ୍ରାସ
କିବା ରାମବାଣେ ବିନାଶ ଭଜିଲା
ବୁଝା ତ ନ ଗଲା କିଛି
ଓଃ ଅକସ୍ମାତ୍ ବାମବାହୁ କମ୍ପିଲା କିପାଇଁ
ବାମଚକ୍ଷୁ କମ୍ପେ ମୁହୁର୍ମୁହୁ (ନେପଥ୍ୟେ ଜୟ ରାମ ଧ୍ୱନି)
ଏ କି ଶବ୍ଦ ।

ଗଗନ ସାବାଶି କରେ ରାମ ଜୟଧ୍ୱନ
ଯୁଦ୍ଧ କିବା ହେଲା ଅବସାନ
ଏ ପର୍ଯ୍ୟନ୍ତ ନ ଫେରିଲା ଦୂତ (ନେପଥ୍ୟକୁ ଚାହିଁ)
ଏହି ଦେଖ ଦେଖ ପଳାନ୍ତି । ରାକ୍ଷସସେନା

ଶୁକ—ଶାନ୍ତ ହୁଅ ମହାରାଜ !
ବିପଦେ ଅଧୀର ହେଲେ ବୁଦ୍ଧି ଯାଏ ନାଶ
ରାଜା ତୁମ୍ଭେ କେଉଁକଥା ଅଜଣା ତୁମ୍ଭଙ୍କୁ ।
ଏହି ଆସୁଅଛି ଦୂତ
ସତ୍ୟ ମିଥ୍ୟା ବୁଝିବା ତା ଠାରୁ
ରୋଗ ହେଲେ ଔଷଧତ ଅଛି ?

—**—

ଦୂତ ଗୀତ ଗାଇ ଗାଇ ପ୍ରବେଶ ।
[କମଳମୁଖୀ କାମବାଣେ ବୁଦ୍ଧେ ।]

ପରପକ୍ଷ ପରଗୃହର ପୋଡ଼ା, ପ୍ରାଣ ଗଲେ ତା ନାହିଁ ମୋର ଲୋଡ଼ା, ନିତ କେତେ ଖାଇବ କାନମୋଡ଼ା । ପଦ । ତଳେ ନାହିଁ ସୁଖ, ଘୁଞ୍ଚ ଦକ ଦକ; ସର୍ବଦା ପଡ଼େ ହାତଯୋଡ଼ା । ଥୋଡ଼ା ଯେବେ ଡେ଼ରି ହେଲା ଅସିବାକୁ ବସିଯିବ ଘୋଡ଼ା ଟକାରଡ଼ା । ନିଶ ମୋଡ଼ି ଦେଖାନ୍ତି ଆଖିଯୋଡ଼ା, କହୁଥାନ୍ତି ବଚନ କଡ଼ା କଡ଼ା । ୧ । ଅନ୍ନ ବାଇଗଣ କଦଳୀ ତାଙ୍କର ଅମ୍ଭ କପାଳେ ପଡ଼େ ଖଡ଼ା ସରୁଗୁଆଳତ ବାବୁଙ୍କ ଅହାର ଗୃକରଙ୍କୁ ଦିଅ ବଗଡ଼ା; ବାବୁ ହୁଅରେ ଅମ୍ଭେ ପୁଣି ଘୋଡ଼ା, ଖର୍ଚ୍ଚବର୍ଷାରେ ପଡ଼େ ଦଉଡ଼ା । ଦାଣ୍ଡେ ଘଡ଼ଏ କାହିଁ ନୋହୁ ଛଡ଼ା । ୨ । କାହାର ଅଧୀନ ନୋହିଣ ଏଣିକ ଭଣିବ ଦୁଇଗୋଟି ହଡ଼ା, ହଳ ବୁଲାଇଣ କାଳ କଟାଇବ ହେବ ପଞ୍ଚକେ ଭୁଇଁତଡ଼ା, ସୁଖେ କରୁଥିବ ବଛ ବେହୁଡ଼ା, କର ବୁଝାଇ ଦେବ ଗଣ୍ଡା କଡ଼ା । ବଇଷ୍ଣବ ଖୋଜୁଛି ଦଧି ଚୂଡ଼ା ॥

—»|*|«—

ରାବଣ—କହ ଦୂତ, କି ହେଲା ସମରେ ଆଜ,
ମରିଲେ କି ରାକ୍ଷସ ସେନାଏ ?

ଦୂତ—କି କହିବି ମହାରାଜ !
କହିଲେ ବିଦାରି ହୁଏ ଛାତି
ରଘୁପତି ଅଶ୍ଚର୍ଯ୍ୟ ସମର-ନୀତି ବଳେ,
ଯୁବରାଜ ବୀରବାହୁ ପଡିଲେ ସମରେ,
ତବ ଭ୍ରାତ ବିଭୀଷଣ ଭୀଷଣ ମନ୍ତ୍ରଣା ଦେଇ
ଋକ୍ଷ କପି ବଧିଲେ ରାକ୍ଷସେ,
ଶେଷଭାଗ ପଳାଇଲେ କାହିଁ
ଦୋଷ କ୍ଷମା କର ମହାରାଜ !

—— * ——

ରାବଣ-ହା ପୁତ୍ର ବୀରବାହୁ ! (ପତନ କଣ୍ଠସ୍ୱରେ ଉଠ)

ଅରେ କୁମର ମୋହର ଗଲୁ କେଣିକି, ଦଶଦିଗ ମୋତେ ଅନ୍ଧାର ଦିଶୁଛି କାହାକୁ ଗୁହାରିବି ପୁଣିକି । ପଦ । ଅଧ୍ୱାସବାଣୀରେ ପଦେ ଅଶ୍ୱାସବାଣୀ, କେ ମୋତେ କହିବ ଅରେ କୁମରମଣି । କାହାକୁ ଦେଖିବି ନାଶିବାକୁ ବଧୂମଣିକି ॥ ଏକ ଉଚିତରେ ତୋର, ଏକ ଉଚିତ, ପିତାକୁ ତେଜିଣ ଅରେ ଗଲୁରେ ସୁତ । ବର ପାଇଥିଲୁ କେତେ ସେବି ଶୂଳପାଣିକି ॥ ଧନ୍ୟ ତୋ ପଣରେ ବତ୍ସ, ଧନ୍ୟ ତୋ ପଣ; ସମ୍ମୁଖ ସମରେ ଯାହା ତେଜିଲୁ ପ୍ରାଣ । ଜଗତ ଘୋଷୁ ତୋହର ଜୟ ଜୟ ବାଣୀକି ।୩। ଅକ୍ଷୟ ଯଶରେ ବତ୍ସ; ଅକ୍ଷୟ ଯଶ; କ୍ଷିତିରେ ଖ୍ୟାତି ଲଭିଲୁ ହୋଇ ରାକ୍ଷସ । ବଇଷ୍ଣବ ଭଣି ଏହା କଏ ଥିଲା ଜାଣିକି ।୪।

—— * ——

(ନେପଥ୍ୟ ଚିତ୍ରାଙ୍ଗଦାର ରୋଦନ ସହ)

[ହେ ସୁନ୍ଦର ଶଶଧର ସୁଧା ଅଧର ବୃତ୍ତେ]

ଅହା ବୀରବାହୁ ମୋର ନୟନ ତାରା । ଅଶ୍ରୁଜଳନିଧି ମୋହର ଦୁଃଖ ପାସୋରା । ପଦ । ଦିଶେ ଦିଶେ ଦିଶୁଥାଉ ତୁହି; ଆଜ କି ତୋ ରୂପ ସତେ ଦେଖିବି ହୋଇଲେ; ମାଅ ମାଅ ବୋଲି କିଏ ବସିବ

ତ୍କୋଳେ । କାଳର କରାଳଗ୍ରାସେ ପଡ଼ିଲୁ ଧରା ॥ ମନାକଲେ ମନା ମ ମାନିଲୁ; ଅନନ୍ଦେ ମିଳିଲୁ ଯାଇ ସମରଭୂଇଁ, ଜନନୀଙ୍କ ଏକାକୀ ଛାଡ଼ିଗଲୁ ରେ କାହିଁ । ନରବଧି ବୁଡ଼ାଇଲୁ ଲେତକଧାରା । ୬ । ଆଜ ଏ ଜୀବନେ କସ କାର୍ଯ୍ୟ; ଲଙ୍କାଭୁବନ ଲଗିବ ବିନ ସମାନ; ପୁତ୍ରହରା ହୋଇ କେତେ ବଞ୍ଚିବ ଧନ; ବଇ ଭ୍ରଷେ ନଷ୍ଟସ୍ନ ଭଷିବ ମନ୍ଥରା ॥

—✲—

ରାବଣ—ଓଃ କାହାର ଏ କଣ୍ଠସ୍ୱର;
ମୁକୁଳିତକେଶା ମଳିନବସନା ଚିତ୍ରାଙ୍ଗଦା
ପୁତ୍ରଶୋକେ କରୁଛି ରୋଦନ
ଆସୁଅଛି ମୋହର ନିକଟେ ।

ଚିତ୍ରା—ପ୍ରାଣେଶ୍ୱର ! ଦୁଃଖିନୀର ଏକମାତ୍ର ଧନ ହୃଦୟପୁତ୍ତଳୀ
କାହିଁ ମୋର ବୀରବାହୁ ଦିଅ ମୋତେ ଆଣି
କେତେବେଳୁ ଦେଖିନାହିଁ ଚନ୍ଦ୍ରମୁଖ ତାର ।

ରାବଣ—ବୀରପ୍ରସବିନୀ ପ୍ରିୟେ !
ଧୈର୍ଯ୍ୟ ଧର ବାରେ
ବୀରମାତା ହୋଇ ଅଧୀର କପାଇଁ ଏତେ ।
ଦେଖ ପ୍ରିୟେ !
ଏକପୁତ୍ର ହରାଇଛ ତୁମ୍ଭେ
ଭୋଗୁଅଛ କି ଘୋର ଯାତନା ।
ହୃଦୟ ଚିରିଣ ଦେଖନ୍ତ ଯଦ୍ୟପି
କେତେ କେତେ ପୁତ୍ରଶୋକ ଶେଲ-
ବିଦ୍ଧ ଅଛି ଦଶାନନ ହୃଦେ ।

ଚିତ୍ରା—ଜୀବିତେଶ ! ଚିତ୍ରାଙ୍ଗଦା ବୁଝିଅଛି ତାହା
କିନ୍ତୁ କହ ଦେଖି
କାହାଯୋଗେ ସ୍ୱର୍ଣ୍ଣଲଙ୍କା ବୀରଶୂନ୍ୟ ଆଜ;
କାହାଯୋଗେ ପୁତ୍ର ନାତି ନିହତ ସମରେ;
କାହାଯୋଗେ ମହାବଳୀ କୁମ୍ଭକର୍ଣ୍ଣ ହତ;
କାହାଯୋଗେ ପୁତ୍ରହୀନ ଆଜି ଦାସୀ ତବ;

ଚରଣ ଧରୁଛି ଦାସୀ
ନର ବାନର ସମରେ ନ ବଳାଅ ମନ
ଦନ୍ତେ ଧର ତୃଣ କର ସମର୍ପଣ
ଜାନକୀକୁ ଶ୍ରୀରାମଚରଣେ
ମେଣ୍ଟିଯାଉ ସକଳ ଆପଦ ।

(କେ ରକ୍ଷା କରିବ ଅଜ—ବୃନ୍ଦେ)

କ୍ଷାନ୍ତ ହୁଅ ପ୍ରାଣକାନ୍ତ ନର ବାନର ସମରେ ।
ପରଂବ୍ରହ୍ମରୂପୀ ରାମ ଜନ୍ମିଛନ୍ତି ମର୍ତ୍ତ୍ୟପୁରେ । ପଦ
ଖଣ୍ଡିବେ ଅବନୀଭାର, କରିବେ ଦୁଷ୍ଟ ସଂହାର ।
ଚଣ୍ଡାଂଶୁବଂଶେ ସମ୍ଭୂତ ବ୍ରହ୍ମାଣ୍ଡ ଯାର ଉଦରେ । ୧ ।
କହ ଦେଖି ପ୍ରାଣନାଥ, କର୍ଥାଁ ଏ ଅନର୍ଥ ଜାତ ।
ପୁତ୍ର ନାତି ହେଲେ ହତ ଗଲେ ପଞ୍ଜବନୀପୁରେ । ୨ ।
ଯଦି ମୁହିଁ ଭଲ ଚତ, ଶୁଣିମା ସିଂହଳପତି,
ସୀତା ନେଇଣ ଝଟତି ସମର୍ପି ଦିଅ ରାମରେ । ୩ ।
ନଚେତ୍ କମଳାବିଳାସ, କ୍ଷମିବେ ତୁମ୍ଭର ଦୋଷ ।
ବଇଷ୍ଣବ ଭାବେ ଯଶ ରହିବ ଧରାଧାମରେ । ୪ ।

—:O:—

ରାବଣ—ତୁମ୍ଭ ହୁଅ ଚିତ୍ରାଙ୍ଗଦା,
ନ କହ ତୁ ଏସନ ବାରତା,
ଜାଣୁ ନା କି ରାବଣ ବିକ୍ରମ,
ତ୍ରିଭୁବନ ବିଜୟୀ ମୁଁ
ବ୍ରହ୍ମା, ରୁଦ୍ର, ଇନ୍ଦ୍ର, ଚନ୍ଦ୍ର, ବରୁଣ, କୁବେର,
ଦଶଦିଗପାଳେ ଯାର ଖଟିଛନ୍ତି ପଦେ
ଯେ ରାବଣ ମୁହଁଲେ ଦଣ୍ଡକେ ଭସ୍ମକରିପାରେ ତ୍ରିପୁର,
ଯେ ରାବଣ ଅକୂଳ ସମରେ ନିର୍ଭୟରେ ମୁହେଁ ପଶିବାକୁ,
ସେ କାହିଁ ଡରିବ ଛାର ଜଟାଧାରୀ ରାମେ,

ଅବଳା ବୋଲିଣ ବାରେ କ୍ଷମା ଦେଲି ତୋତେ
ଦୂର ହୁଅ ସମ୍ମୁଖରୁ ମୋର ।

ଚିତ୍ରା—ପ୍ରାଣେଶ୍ୱର ! ନ ଶୁଣିଲ ଅଧିନୀର କଥା
ପଶ୍ଚାତେ ବୁଝିବ ଭଲ ମନ୍ଦ
ଯମଦୂତ ପାଶେ ଯେ ରୋଗିର
ଔଷଧିକି ଅଦରେ କି ସେହୁ
ବଳେ ଗିଳାଇଲେ ଅପମୃତ୍ୟୁ ଘଟଇ ନିଶ୍ଚୟ ।
ଯାଉଛି ମୁଁ । (ପ୍ରସ୍ଥାନ ଓ ମେଘନାଦର ପ୍ରବେଶ)

ମେଘ—ନମସ୍କାର ପଦେ ପିତଃ !
ଆଶୀର୍ବାଦ କର ମେଘନାଦେ,
ଶୁଣିଅଛି ପ୍ରିୟଭ୍ରାତ ବୀରବାହୁ ହତ,
ସେ ହେତୁ ବିଷଣ୍ଣ କପାଁ ଏତେ,
ଉପସ୍ଥିତ ପୁତ୍ର ସ୍ୱହେଁ ତବ ଅଙ୍କମାଝ,
ଅଦ୍ୟ ରାମ ଲକ୍ଷ୍ମଣ ମସ୍ତକ
ତବପାଦେ ଦେବ ଉପହାର,
ଅରାମ କରିବ ନିଶ୍ଚେ ସସାଗରା ଧରା
ସେ ରାଜବଦ୍ରୋହୀ ରାମେ ଶମନସଦନେ
ପଠାଇବ ଅଦ୍ୟ,
ଅବଲମ୍ବେ ଆଜ୍ଞା କର ତାତ ।

ରାବଣ—ବତ୍ସ ମେଘନାଦ !
ଏ ତାପିତ ହୃଦୟ-କେଦାରେ
ସୁଧାବାରି ବଚନ ତୋହର
ବର୍ଷିବାରେ କଲୁ ରେ ଶୀତଳ,
ଅବଲମ୍ବେ ଚଳ ରଣକ୍ଷେତ୍ରେ
ମଙ୍ଗଳ ହୋଇବ ବତ୍ସ ତୋର
ଆଶୀର୍ବାଦ କରୁଅଛି ମୁହିଁ । (କଣ୍ଠହାର ପ୍ରଦାନ)

ମେଘ—ଚଉ୍ ଚନ୍ଦ୍ରା ତେଜ ପିତା ଯାଉଛ ରଣକୁ
ଅଜ ବିନାଶିବ ପାଜ ରାମ ଲକ୍ଷ୍ମଣକୁ
ଲଙ୍କାରୁ ଘୁଞ୍ଚିବ ଦଙ୍କା ଶଙ୍କା ଯିବ ଛୁଟି
ରାମବିନାଶେ ସୁଗ୍ରୀବ ପଳାଇବ ହଟି
ସଂସାରେ ଶୁଭିବ ତୋର ଜୟ ଜୟ ସ୍ୱୋଳ
ନିର୍ଭୟେ ରାକ୍ଷସେ କରୁଥିବେ କୋଳାହଳ
ଯେଉଁ ଶୋକାନଳ ଦହେ ତବ ହୃଦସ୍ଥଳ
ଯେ ଅନଳ ତାପେ ଅଶ୍ରୁ ବହେ ଅବିରଳ
ଯେଉଁ ଶୋକାନଳ ଲଙ୍କା ରମଣୀଙ୍କ ମନ
ଅନବରତ ପିଅର କରୁଛି ଦହନ
ସେହି ଅଗ୍ନି ଆଜ ଲିଭାଇବ ମେଘନାଦ
ବିଦାୟ ହେଉଛି ପିତା କର ଆଶୀର୍ବାଦ ।

(ସମସ୍ତଙ୍କର ପ୍ରସ୍ଥାନ)

(ଅଦୃଷ୍ଟ କୁମାରୀଙ୍କ ନୃତ୍ୟ ସହ)

(ଅଲି ବ୍ୟାକୁଳେ କାହିଁଛେ କୁଞ୍ଜର,—ବୃତ୍ତେ)

ଦେଖ ବିଧିର ବିଚିତ୍ର ଲୀଳା ଖେଳା, କାର ଶୁଖିଲାସ୍ରୋତେ ବୁଡ଼ୁଛି ଭେଳା । ପଦ । କାର ଭାସୁଛି ଅଗାଧଜଳେ ତରୀ, ପାଦ ନାହିଁ କେ ଲିଙ୍ଘି ଯାଉଛି ଗିରି, କାହିଁ ବଧିର ଶୁଣୁଛି ରାମଲୀଳା । ୧ । କେହି ନିର୍ଦ୍ଦୋଷିର ଦୋଷ ବୁଲେ ଖୋଜି, କେହି ଭଣ୍ଡପଣେ ବସେ ଚକ୍ଷୁ ବୁଜି, ରାମନାମ କେ ଗୁନ୍ଥି କରୁଛି ମାଳା । ୨ । ହତ କହିଲେ ଅହତ ଲଭେ କାଳ, ପୁଣି ଅନଳ ଯେସନେ ପତଙ୍ଗକୁ, ଜାଣି ଖଣ୍ଡାଧାରେ କେ ଦେଖାଏ ଗଳା । ୩ । ଅହ୍ୱା ଦେଖ ଏ ରାବଣ କେତେ ଦୁଷ୍ଟ, ଭଲ ଶୁଣ ଲୋଡ଼ୁଛି ମନ୍ଦବାଟ, ବଇ ବୋଲେ ମରାଉଛି ନିଜ ବଳା । ୪ ।

[ମନ୍ଦୋଦରୀ ଓ ତ୍ରିଜଟାର ପ୍ରବେଶ]

ତ୍ରିଜଟା—ରାଜରାଣୀ ! ତୁମ୍ଭେ ଏମନ୍ତ ହେଉଛ କିଆଁ ?
ସ୍ୱପନ ଯେବେ ସତ ହୁଅନ୍ତା ତେବେ କେତେ କେତେ ରାଜା ଦରିଦ୍ର
ଦରିଦ୍ର ରାଜା ହୋଇ ଯାଉଥାନ୍ତେ
ତାର କିଛି ସୀମା ନ ଥାନ୍ତା ତୁମ୍ଭେ ଯାହା କହ ସ୍ୱପନ ସବୁ ମିଛ
ମନ୍ଦୋ—ସଖି ତ୍ରିଜଟେ ! ମୁଁ ସବୁ ଜାଣେ, ତେବେ କାହିଁକି ମୋର
ଅବୋଧ ମନ ଭୋଳ ଘାଣ୍ଟି ହେଉଛି ? ଲଙ୍କାରୁ ତ
କେତେ କେତେ ବୀର ମଲେଣି କେବେତ ଏପରି ହୋଇନାହିଁ ।

(କ ହେବ ପଡ଼ିଲେ ଉଦ୍ୟା-ବୃନ୍ଦେ)
କାଲି ରଜନୀରେ ସଖି ଦେଖିଛି ସ୍ୱପନ ଯାହା,
କହିଲା ବେଳକୁ ମୋର ସିଂହାର ଉଠୁଚି ହିଆ । ପଦ ।
ଯାମିନୀର ଶେଷ ଯାମେ, ଦେଖିଲି ଲକ୍ଷ୍ମଣ ରାମେ,
ବଧିଲେ ମୋ ମେଘନାଦେ ହୃଦୟେ ନ ବହି ଦୟା । ୧ ।
ବଳେ ପଶି ଲଙ୍କାଗଡ଼େ, ଧ୍ୱଂସ କରିଲେ ମାଙ୍କଡ଼େ,
ନାଶିଲେ ଲଙ୍କେଶ ପ୍ରାଣ ନେଲେ ଜନକ ତନୟା । ୨ ।
ଭାଜିଗଲା ନିଦ୍ରା ଯହିଁ, ହଜିଗଲା ଜ୍ଞାନ ତହିଁ,
ଛାତି ପଡ଼େ ଦାଉଁ ଦାଉଁ ଝରିଲେ ଲୁହ ଟୋପା ଲୁହ । ୩ ।
କି କରିବି ସଖି କହ, ଥର ଥର ଥରେ ଦେହ;
ବୈଷ୍ଣବ ଭଣେ ସଦା ସଦାଶିବ ହୁଅ ସାହା । ୪ ।

(ମେଘନାଦର ପ୍ରବେଶ)

ମେଘ—ଜନନି ଗୋ ! ଆଶୀର୍ବାଦ କର ତୋ କୁମରେ,
ତୋର ପଦେ କରୁଛି ପ୍ରଣାମ
ପିତା ଆଜ୍ଞା ଘେନି ଶିରେ ପଶିବି ସମରେ ।
ବଲ୍କଲବସନଧାରୀ ସେ ବେନି ଭାଇଙ୍କି
ପଠାଇବି ଶମନ ସଦନେ,

ଅକଣ୍ଟକ ହେବ ଲଙ୍କାରାଜ୍ୟ,
ଯେସନେ ଅରୁଣ ପ୍ରକାଶି କିରଣ
ଅନ୍ଧକାର କରିଦିଏ ଦୂର
ପାଇ ସେ ଅଲୋକ
ପୁଲକ ହୃଦୟେ ଯେସନେ ହସଇ ବସୁଧା
ସେହିପରି ନିବାରି ଅରାତିକୁଳ
ଦୁଃଖଅନ୍ଧକାର ଘୁଞ୍ଚାଇବ ଅଜ
ପ୍ରଫୁଲ୍ଲଚିତ୍ତରେ ନୃତ୍ୟ କରିବେ ଦାନବେ
ବିଧବା ଭ୍ରାତୃବଧୂଙ୍କ ଦୁଃଖ ଦେଖି ମାତ
ଫାଟିଯାଏ ଛାତି ?
ଆନନ୍ଦପୂର୍ଣ୍ଣ ଅନ୍ତରେ ଦିଅ ମା ବିଦାୟ ।
ଦୋ—କି କହିଲୁ ବତ୍ସ !
ରଣକ୍ଷେତ୍ରେ କରିବୁ ଗମନ ?
ଏ ବୁଦ୍ଧି କେ ଶିଖାଇଲା ତୋତେ ?
କେତେ କେତେ ମହାରଥୀ ଯେ ରଣଭୂଇଁରୁ
ନ ଆସନ୍ତି ଫେରି
ତହିଁକି କେବେହେଁ ତୋତେ ନ ଛାଡ଼ିବି ବାପ
ଦୁଃଖିନୀର ଏକମାତ୍ର ଜୀବନସର୍ବସ୍ୱ ତୁହି
କେମନ୍ତେ ପାସୋରି ତୋତେ ରହିବି ମୁଁ ଘରେ ?
ସେ ବାସନା ଛାଡ଼ ରେ ମନରୁ

(ହୃଦୟୁରସମନ୍ଦରେ ଦାଣ୍ଡ ମା ତରଙ୍ଗ ହୁଏ)

ଅରେ ଗୁଣମଣି ତୋତେ କେବେ ନ ଛାଡ଼ିବି ରଣେ
ଯେ ରଣେ ପଶିଲେ ବୀରେ ଫେରି ନ ଆସନ୍ତି ଜଣେ । ପଦ ।
କୋଟି କୋଟି ଅଶ୍ୱ ହସ୍ତୀ ଅସଂଖ୍ୟ ରଥ ପଦାତି
ମାତିଲେ ସେ ବୀରମଦେ, ନାଶ ଗଲେ ଯତିବାଣେ । ୧ ।
କୁମ୍ଭକର୍ଣ୍ଣ ପରି ବୀର ମେଘେ ଯାର ଲାଗେ ଶିର

ପଣେ ପଣେ କପିଗଣେ, ଯେହ୍ନ ଗିଳପାରେ ଷଣେ ।୨।
ହସ୍ତ ପଦ ଛେଦ ତାର   ପକାଇଲେ ରଘୁବୀର
ଖଣ୍ଡ ଖଣ୍ଡ ଗଣ୍ଡି ମୁଣ୍ଡ, ଫିଙ୍ଗିଦେଲେ ଏଣେ ତେଣେ । ୩ ।
ରାମ ବାମ ହେବ ଯାକୁ   କେ ରକ୍ଷିପାରିବ ତାକୁ,
ବଇଷ୍ଣବ ବୋଲେ   ଲୁଚ ରହ ଏବେ ଗୃହକୋଣେ । ୪

ମେଘ—ଜନନି ଗୋ !

ନ କହ ତୁ ଏସନ ବାରତା
ବୀରଶ୍ରେଷ୍ଠ ମୟଦାନବର ସୁତା ହୋଇ
ଏ ଭୀରୁ ବଚନ ସାଜେ ତୋ ମୁଖେ
ପୁଣି ବୀରମାତା, ବୀରର ବନିତା
ବୀରରକ୍ତ ପ୍ରବାହିତ ଦେହେଁ
ଡରୁଅଛୁ ନର ବାନରଙ୍କୁ ?
ଯଦି ରଣେ ଜିଣିବ ତୋ ସୁତ
ଯଶ ତୋର ଘୋଷିବ ଜଗତ
ଭୁଷଣ୍ଡି, ତୋମର, ଅସି, ଗଦା ସଞ୍ଚାଳନ
ଧନୁର୍ବିଦ୍ୟା, ବାହୁଯୁଦ୍ଧ ମଲ୍ଲରଙ୍ଗ ଆଦି
ଶିଖିଥିଲି ଘରକୋଣେ ଲୁଚି ରହିବାକୁ ।

—ଃ✱✱✱ଃ—

(ଗୋକୁଳାନନ୍ଦଚନ୍ଦ୍ରଙ୍କୁ ବୃତ୍ତେ)

ଛଦାମ୍ଭ ଦଅ ଜନନି ଚଉ ଚିନ୍ତା କର ଦୂର ।
ତୋହ ଅନୁମତି ବିନା କି ସାଧ୍ୟ ଅଛି ମୋହର । ପଦ ।
ହୋଇଛି ପ୍ରତିଜ୍ଞା ବଦ୍ଧ   ନ କର ଆଉ ନିଷେଧ ।
ସିଂହ ଶାବକ କି କେବେ ଡରଛି ଦେଖି ଶୃଙ୍କର । ୧ ।
ରମ୍ଭାବନର ସଦୃଶ   ବଢ଼ିଥିଲେ ଅମ୍ଭ ବଂଶ
ରାମବାଣାଘାତେ ଧ୍ୱଂସ ହୋଇ ହେଲେ ଛାରଖାର ।୨।
ବଧବାର୍ତ୍ତ ଅର୍ତ୍ତନାଦ   କରଇ ଦେଉଛି ହୃଦ
ଶୁଷ୍କ ହୋଇଯାଏ ସ୍ତବ୍ଧ ଶୁଣି ଶବ୍ଦ ହାହାକାର । ୩ ।

ଯେବେ ବାମ ହେବ ଧାତା ରକ୍ଷି କ ପାରନ୍ତୁ ମାତା ।
ବଇଷ୍ଣବ ବୋଲେ ରଖି ନ ପାରବେ ଉମାବର । ୪ ।

ମନ୍ଦୋଦରୀ ଓ ମେଘନାଦର ବର୍ଣ୍ଣନା ।

ନ୍ଦୋ—ସମର କ୍ଷମତା ଜାଣି ନାହୁଁ ରେ କୁମର
ଘ—ରାଜ୍ୟରୁ ଭରତ ତଡ ଦେଲା ଦଣ୍ଡଧର
ନ୍ଦୋ—ସଦାଶିବ ଯାର ନାମ ଜପନ୍ତି ନିରତେ
ଘ—ଭାଇ ଭାର୍ଯ୍ୟା ଘେନି ବନେ ବୁଲୁଛି କେମନ୍ତେ ?
ନ୍ଦୋ—ଶିଷ୍ଟଙ୍କୁ ପାଳିବ ଦୁଷ୍ଟେ କରଣ ବିନାଶ
ଘ—ତେବେ କପାଁ ଧରିଅଛି କପଟର ବେଶ
ନ୍ଦୋ—ଯାହାଁଲେ ଦଣ୍ଡକେ ନାଶିପାରେ ତ୍ରିପୁର
ଘ—ସେ କାହିଁକି ହେଉଅଛି ଏତେ ହରବର
ନ୍ଦୋ—ମାର୍କଣ୍ଡ ଭଲୁଏ ଯାର ହୋଇଛନ୍ତି ବଶ
ଘ—ଗୋଟି ଗୋଟି ଧରି ତାଙ୍କୁ ମନାଇଛି ପୋଷ
ନ୍ଦୋ—ଯା ଅଜ୍ଞାରେ ଭେଳା ପରି ଭାସଇ ପର୍ବତ
ଘ—କେଳା ସେହି ଶିଖିଅଛି ଜଳଭସାମନ୍ତ୍ର
ନ୍ଦୋ—ଶୁଣିନାହୁଁ ବିନାଶିଲା ବାନରକେଶରୀ
ଘ—ଲୁଚି ଲୁଚି ଶ୍ରୀରପରି ଶର ଦେଲା ମାରି
ନ୍ଦୋ—ଅମାନିଆ ହେଲୁ ମୋର ନ ମାନିଲୁ ମନା
ଘ—କାଲି ଉତ୍ସବ ଲଙ୍କାରେ ଜୟ ଜୟ ବାନା [ପ୍ରସ୍ଥାନ]
ନ୍ଦୋ—ହା ବାପ ଇନ୍ଦ୍ରଜିତ !

ନ ମାନିଲୁ ମାତା କଥା ତୋର
କି ନ କଲୁ ସୂର୍ପଣଖା
କୁଳକ୍ଷୟ କରିବାକୁ ହୋଇଥିଲୁ ଜନ୍ମ
ଜାତ ହେଲାବେଳେ ଗୁହ୍ୟ ନିକଷା ଗର୍ଭରୁ
କପାଁ ତୋତେ ନ ମାଇଲେ ସେହି
ମରିଥାନ୍ତୁ ଯେବେ ।
କାହୁଁ ଏତେ ଶୋକ ଦୁଃଖ ଭୁଞ୍ଜିଥାନ୍ତୁ ଅମ୍ଭେ

ହେ ଧର୍ମ ଦେବ !
ସାହା ହୁଅ କୁମରଙ୍କୁ ମୋର (ଉଭୟଙ୍କ ପ୍ରସ୍ଥାନ)

—ଃ❋❋❋ଃ—

(କହବୁ ଗୋ ଦୂତୀ ଛଇଲ୍ଲାଚ—ବୃତ୍ତେ)

[ଅଃ କୁଃ] କେଡ଼େ ସୁକୋମଳ ଧର୍ମ ପଥ । ପାପୀକ ଦଣଇ ତା
ଯେଉଁ ପର କଣ୍ଟକ ଆବୃତ । ପଦ ।
ସତକୁ ମଣଇ ମିଛ ଉଚକୁ ମଣଇ ନୀଚ । କାଞ୍ଚନକୁ ମଣେ କା
ତୁଚ୍ଛ ଜ୍ଞାନ କରେ ଏ ଜଗତ । ୧ ।
ମନବ୍ୟାଧି ଘୋଟେ ଯାକୁ ଔଷଧି ନାହିଁ ତାହାକୁ । ବିଷକୁ ଅମୃତ ମ
ପାନ କରୁଥାଏ ଅବିରତ । ୨ ।
ମାତାବଚନ ଅହିତ ମଣିଲା ଏ ଇନ୍ଦ୍ରଜିତ । ବଇଷ୍ଣବ ବୋଲେ ସୁ
ନଷ୍ଟେ ବାମ ହୋଇଲା ବିଧାତ । (ପ୍ରସ୍ଥାନ)

(ପ୍ରମିଳାର ଗୀତ । ସତେ କି ନାଗର୍‌ବର୍-ବୃତ୍ତେ)

ଅହା କି ସୁନ୍ଦର ଫୁଲ ଫୁଟିଅଛି ଉପବନେ ।
ହଲୁଛି ଝୁଲୁଛି କେଡ଼େ ରଙ୍ଗେ ଦକ୍ଷିଣାପବନେ । ପଦ ।
ଦେଖ ଏ ମଧୁ ମାଳତୀ ପାଶରେ ନଥିଲ ସୁ
ଲାଜେ ନୁଆଁଇଛି ଶିର କେମନ୍ତେ ଆନନ୍ଦ ମନେ । ୧ ।
ଦେଖ କୁଞ୍ଜ ଲତାସଙ୍ଗେ ଭ୍ରମର ଖେଳେ କି ରଙ୍ଗେ
ପ୍ରେମରେ ହୋଇଣ ଭୋଳ ନାଗରୀ ନାଗର ଯେହ୍ନେ । ୨ ।
ମନ୍ଦ ମନ୍ଦ ମନ୍ଦକଇ ସୁବାସେ ମନ ମୋହଇ
ମାର ମରମ ଦହଇ କୋକିଳ ପଞ୍ଚମ ତାନେ । ୩ ।
ଆସନ୍ତେ କି ଯୁବରାଜ ଫୁଲହାରେ କରି ସଜ
ବଇଷ୍ଣବ ବୋଲେ ଅଷ୍ଟ ଐଶ୍ୱର୍ଯ୍ୟ ଲଭନ୍ତି ମନେ । ୪ ।

(ମେଘନାଦଙ୍କୁ ଦେଖି) କହ ନାଥ !
ଆଜ କାହିଁ ରଣବେଶ ତବ ?

ଦେଖି ସେହ୍ନ ବେଶ
ଶତଶେଲ ବାଜେ ମୋ ମରମେ ।
ହେ ଜୀବେଶ !
ତେଜ ତେଜ ସେହ୍ନ ବେଶ
ଅଧିନୀକ ନ କନ୍ଦାଅ ଅଜ,
ପ୍ରାଣ ମୋର ଥିବାଯାଏ ପିନ୍ଧେ
ସମରକୁ ନ ଛାଡବ କେଭେଁ

ମଘ—ହୃଦୟେଶ୍ୱର !
କାତର କାହିଁକ ଏତେ ?
ହୋଇ ବୀରାଙ୍ଗନା
ସାମାନ୍ୟ ରମଣୀ ପ୍ରାୟ୍ଯ କରୁଛୁ କ୍ରନ୍ଦନ ?
ହର୍ଷମୁଖ ପ୍ରଫୁଲ୍ଲ ଅନ୍ତରେ
ବାରେ ପ୍ରିୟେ ଦଅ ଗୋ ବଦାୟ-

→)(○)(←

ସ୍ତ୍ରୀ ପ୍ରତ—ଗୀତ ।

ନବନାଗରୀ ତୁ ମଞ୍ଜୁମହଳା,

ଚପଳାଙ୍ଗି ଚନ୍ଦ୍ରବଦନା, ଶଇଳ ଉରଜା ଛଇଳା । ପଦ ।
ୃରବରନା, ବାରେ ଡର ନା, ବୃଡ ମର ନା, ଘର ନା, ଚନ୍ଦ୍ରାନନେ ।
ନିରେ ଅରୁଣାଧର, କରୁଣା କର, ଶୁଣ ତୋ ବାଣୀ ଅରେ । କମ୍ପି
ଡ଼ ଉ କରୁଅଛୁ ଦକଦକ, ମିତ ଝେକ ଝେକ ତୋର ଚନ୍ଦ୍ରମୁଖ । ଦୁଃଖ
ଯାଇ ଜାତ ହେବ ସୁଖ, ହସି ଭାଷଅରେ ତୁ କାମକଳା ॥ ଅଢ଼ଅଖିରେ,
ମୁହିଁ ସଖିରେ, ନରମାଖିରେ, ତୋ ଦୁଃଖେ ଦୁଃଖୀ ମୁହିଁ । ରଖା
ଅଧରୁ ମଧୁ, ପରାଣବନ୍ଧୁ, ରଖାଅ ଯଶ ତୁହି । ଭଜୁଥିବ ତୋର ନାମ
ମାଳା କର । ନଖମାଜ ବେଣୀ ସାଜ ଦେବ ଗୋସା, ପିଉକାର କର
ଢମ୍ଭାଯଶ ବାରେ, ବହଯାଉ ଅଛଇ ବେଳା । ୨ ।

ପ୍ରମି—ପ୍ରାଣେଶ୍ୱର !
ଯଦ୍ଦ ରଣେ ବଳାଇଛୁ ମନ

ଦାସୀକଥା ରଖିଥିବ ଚିତ୍ତେ
ବୈକୁଣ୍ଠବିହାରୀ ବନ୍ଧୁ କମଳାବିଳାସ
ଅସୁର ନାଶିବା ଅର୍ଥେ ମର୍ତ୍ତ୍ୟେ ହେଲେ ଜାତ
ଯଦି ରଣେ ପଡ଼ିବ ବିପଦ
ବିପଦଭଞ୍ଜନ ନାମ ସ୍ମରିବ ତକ୍ଷଣି
ପଳାଇବ ଅଶେଷ ଦୁର୍ଗତି
ସଖା ମୁହିଁ
ମୋହ କଥା ରଖିଥିବ ମନେ ।
ମେଘ -- ପ୍ରିୟେ !
ହରପୂଜା କର ବରମାଗ ମୋହପାଇଁ
ରଣେ ମୋର ହୋଇବ ମଙ୍ଗଳ
ମଙ୍ଗଳମୟ ଶଙ୍କର ଶୁଣିବେ ଅବଶ୍ୟ
ଯାଉଛି ମୁଁ [ପ୍ରସ୍ଥାନ]
ପ୍ରମି -- ଯାଉଛି ଶିବାଳୟେ
ଚନ୍ଦ୍ରଚୂଡ଼ ପଦଯୁଗେ କରିବି ଗୁହାରି
ହେ ଅନାଥର ନାଥ ହେ ଭୂତଭାବନ
ସାହା ହୁଅ ସ୍ୱାମିଙ୍କୁ ମୋହର । (ପ୍ରସ୍ଥାନ)

———✱———

(ତୁମି କାଦେର କୁଲେର ବଧୂ-ସୁରେ)

[ଆଃକୁଃ]—ହେ ନରେ ଭଜ ରାମ ନାମ ।
ତେଜ ବିଷୟବାସନା ନ ଦଣ୍ଡିବ ଯମ । ପଦ ।
ସୁଖସୂର୍ଯ୍ୟ ଉଦେ ହେବ, ଦୁଃଖରଜନୀ ପାହିବ ।
ଅନ୍ତମେ ଚକ୍ରିଣ ଜନେ ଯିବ ବୈକୁଣ୍ଠ ଧାମ ହେ । ୧ ।
ପାତକପୂର୍ଣ୍ଣ ବିବାଦ, ମେଣ୍ଟିଯିବ ହେ କୋବିଦ ।
ହୃଦକୁମୁଦ ଫୁଟିବ ପଳାଇବ ତମ ହେ । ୨ ।
ଯେବେ ହେବ ବିଷ୍ଣୁଦୋଷୀ, କାହିଁ ନ ପାଇବ ବସି ।
ବଳ ଭୃଷେ ଡ଼ାକ ବାରେ ପୂରୁ ମନସ୍କାମ ହେ ।୩। (ପ୍ରସ୍ଥାନ)

(ମାୟାସୀତା ମେଘନାଦର ପ୍ରବେଶ)

ମେଘ—ଧନ୍ୟ ଧନ୍ୟ ବହୁ୍ୟକ୍ତିଦ୍ୱା
ଯେଉଁ ସୀତା କରଛି ନିର୍ମାଣ
କବା ସାଧ୍ୟ ଚିହ୍ନିବ ସନ୍ନ୍ୟାସୀ ?
ଶୀତାଂଶୁବଦନା ସୀତାପର ମୁଖ
ଶୁକଚଞ୍ଚୁ ତିଳପୁଷ୍ପ ନାସିକାର ଛଟା
ଇନ୍ଦ୍ରଧନୁ ଜିଣା ଭ୍ରୁ ବାଣୀ କଣ୍ଠସ୍ୱର
କମ୍ବୁ କଣ୍ଠ ଶମ୍ଭୁଉର ଡ଼ମ୍ବରୁ ମଧ୍ୟମା
ବାହୁଯୁଗ ପଦ୍ମନାଡ଼ପର
ଅରୁଣ ଚରଣ ଯୋଡ ଧରଣେ ଦାଉ ଦାଉ
ଦେଖି ଭ୍ରମେ ପଡ଼ିବ ରାଘବ
ନ ଜାଣେ ଏ କଛ
ଶିଖାଇବ ରାମ ଗୁଣାବଳୀ

——*——

(ପ୍ରୀତଯୋଡ କ ସୁଅଦ—ବୃତ୍ତେ)

ସୁନ୍ଦରବର୍ଣ୍ଣ ନଦେଇ ଯେବେ ରଥେ ବସିଥିବୁ ତୁହି, ନେଇ୍ ଯାଉଥିବ ବନ୍ଧ । ଦେ । ରେ କୁନ୍ଦରବଦନା କାନ୍ଦି ଡ଼ାକଦେବୁ ର୍ଷୋକରୁ ରଘୁନାଥ । ଥାଉଁ ଥାଉଁ ତୁମ୍ଭେ ମୋତେ ଏତେ ଦଣ୍ଡ ଦେଉଛ ଭ୍ରଷ୍ଟ ଦଇତ । ୧ । ପୁଣି ଗୁଣମଣି ଡ଼ାକବୁ ଅରତେ ରୁଖ ଦେଅର ଲକ୍ଷ୍ମଣ । ରକ୍ଷା କର ଥରେ ରାକ୍ଷସ ହସ୍ତରେ ଯାଉଛି ମୋହର ପ୍ରାଣ ॥ ବସ୍ତ୍ର ହନୁମାନ ଦେଇ ବସ୍ତା ମୁଦି ପ୍ରାଣ ବଞ୍ଚାଇଛୁ ମୋର । କହୁଥିଲୁ ପଗ ରାବଣକୁ ମାରି ମୋତେ କରବୁ ଉଦ୍ଧାର । ୩ । ଏହିପର ବାମା ବାହୁନ କାନ୍ଦବୁ କେଶ ଧରଥିବ ମୁହଁ । ବଇଷ୍ଣବ ବୋଲେ କୃଷ୍ଣ ମୋର ଏକା ଅନ୍ତ୍ର ଅଯୋଧ୍ୟାସାଇଁ । ୪ ।

—:୦:—

ପଶ୍ଚିମ ଦୁଆରେ ଅଛ ପବନନନ୍ଦନ
କପିସେନା କରୁଅଛ ରକ୍ଷା

ତହିଁ ରହି କରିବ କୌଶଳ
ବନପଶୁ ସେ କି ଜାଣେ ରାକ୍ଷସଙ୍କ ମାୟା।
ଏହି ଯେ—
ଏହିଅଚ୍ଛେ ଅସୁଛି ମାରୁତି
ବସି ରଥେ କାହିଁ ଡ଼ାକ ରଖ ହନୁମାନ ।
(ହନୁର ପ୍ରବେଶ)

ସୀତା—ରକ୍ଷା କର ହନୁମାନ ପବନନନ୍ଦନ
ରାକ୍ଷସ ହସ୍ତରେ ମୋର ଯାଉଛି ଜୀବନ,
ତୁହି ନ ରଖିଲେ ପ୍ରାଣେ ମାରିବ ଦାଇତ
ରାମଦୂତ ଯେଣୁ ତେଣୁ ମୁହିଁ ତୋର ମାତ
ସାତସିନ୍ଧୁ ପାର ହୋଇ ସଙ୍କେତ ଦେଇଛୁ
ଏତେବେଳକୁ କାହିଁକି ନିଷ୍ଠୁର ହେଉଛୁ
ବଧିବ ବୋଲି ରାକ୍ଷସ ମୋତେ ଅଛି ଅଣି
ଏ ସମୟେ କେଣେ ଗଲେ ସ୍ୱାମୀ ରଘୁମଣି
ଏ ସମୟେ ଦେଅର ଲକ୍ଷ୍ମଣ ଗଲେ କାହିଁ
ଏତେବେଳେ ଅଧିନୀକି ନ ରଖିଲେ କେହି !

ହନୁ—ଅରେ ଇନ୍ଦ୍ରଜିତ ଯୋଡ଼ୁଅଛି ହାତ
ଛାଡ଼ ମାତା ଜାନକୀର କେଶ
ସହଜେ ଦୁର୍ବଳା ଅଟନ୍ତି ଅବଳା
ସେତ କିଛି କରି ନାହିଁ ଦୋଷ
ନିର୍ଦ୍ଦୋଷୀକି ଦଣ୍ଡ ଦେଉ ରେ ପାଷାଣ୍ଡ
କେଉଁ ଶାସ୍ତ୍ରେ ଲେଖାଅଛି କହ ?
ସେ ଚନ୍ଦ୍ରବଦନ ଦଶଇ ମଳିନ
ବେନି ନେତ୍ରୁ ଗଡ଼ ପଡ଼େ ଲୁହ ।

ମେଘ—ରେ ବଣ୍ୟବାନର !
ସବୁ ଦୋଷ ଅଟଇ ଏହାର
ଏହା ଯୋଗେ ବୀରଶୂନ୍ୟ ଲଙ୍କା

ଏହା ଯୋଗେ ତୁମ୍ଭ ଅମ୍ଭ କଳି
ଏହା ଯୋଗେ ମେଳ ନର ବାନରଙ୍କ
ଏହା ଯୋଗେ ସାଗରେଛି ସେତୁ
ଏହାକୁ ବଧିଲେ ଛଡ଼ିଯିବ କଳି
ସୁଖେ ରାମ ଗମିବ ଅଯୋଧ୍ୟା
ସୁଖେ ଲଙ୍କା ଭୁଞ୍ଜିବେ ମୋ ପିତା

ହନୁ—(ସ୍ୱଗତ) କଟୁବାଣୀ କହିଲେ ଏହାକୁ
କ୍ରୋଧ ହୋଇ ଦେବ କାଳେ ହାଣି
ଏହା ଛଡ଼ା ଧର୍ମପଥ ଦେଖାଇବି ଯାକୁ ।

[ପ୍ରକାଶ୍ୟେ] ଶୁଣ ଶୁଣ ରାବଣନନ୍ଦନ
ଜାତିରେ ବ୍ରାହ୍ମଣ ହୋଇ ଏ କୁକର୍ମ କରିବୁ କେମନ୍ତେ ?
ଧର୍ମଶାସ୍ତ୍ର ଅଧୀନ ତୁମ୍ଭର
ସ୍ତ୍ରୀବଧ, ପଶୁବଧ, ବିପ୍ରବଧ, ଭ୍ରୂଣହତ୍ୟା
ଏ ସମସ୍ତ ମହାପାପ କହୁଅଛି ବେଦ,
ନ ମାନିଲେ ମନ ତୋର
ପଚାର ପଣ୍ଡିତଗଣେ ଯାଇ
କହୁଅଛି କରଯୋଡ଼ି ତୋତେ
ଛାଡ଼ ମାତା ଜାନକୀ ଚିନ୍ତାର

ମେଘ—ରେ ମୂଢ଼ ମର୍କଟ !
କି ଦେଖାଉ ଧର୍ମବାଟ ମୋତେ
କେଉଁ ଧର୍ମେ ଅଛି ଘରପୋଡ଼ା ?
କେଉଁ ଧର୍ମେ ଅଛି କହ ରୈବତାଣ ମରା ?
କେଉଁ ଧର୍ମେ ଅଛି କହ ଅପୂର୍ବ ବିନାଶ ?
ସେହି କି ନୁହନ୍ତି ସ୍ତ୍ରୀ ଜାତି ?
କେଉଁ ଧର୍ମେ ଅଛି ନାସାକର୍ଣ୍ଣ କାଟିବାରେ ?
ଏହି ଦେଖ ଧର୍ମର ପରୀକ୍ଷା—
ରେ ପାପିଷ୍ଠି !

ଯାଅ ତୁହ ଶମନସଦନ [ସୀତାଛେଦନ]
ଜୟ ଲଙ୍କପତି ଦଶାନନର ଜୟ । [ପ୍ରସ୍ଥାନ]

ହନୁ—(ରୋଦନ କରୁ କରୁ)
ଓଃ, ପାପିଷ୍ଠ, କଅଣ ନ କଲୁ ?
ଦେଖୁଁ ଦେଖୁଁ ବନାଶିଲୁ ରାମର ଘରଣୀ ।
ରେ ଦଗ୍ଧହୃଦୟ ! ଫାଟିଯାରେ ତୁହ
ପ୍ରାଣପକ୍ଷୀ ପଳାରେ ହୃଦୟପିଞ୍ଜର ଛାଡ଼ି
ନ ପାରିଲୁ ରକ୍ଷା କରି ଜାନକୀଙ୍କ ଅଜ
କି କହିବେ ରାଜୀବଲୋଚନ ?
କି ସମ୍ବାଦ ଦେବି ମୁଁ ଏକ୍ଷଣି
ଶୁଣିଲେ ଏ ବାଣୀ ପ୍ରାଣ ତେଜିବେ ରାଘବ
ଯାଏଁ ମୁହିଁ ଦେଖେଁ
କେଉଁଣେ ଗଲା ରକ୍ଷକୁଳାଙ୍ଗାର [ପ୍ରସ୍ଥାନ]

(ଏହି କି ବଧିର ବଗ୍ରହ—ବୃନ୍ଦେ)

ଅଃ କୁଃ—ଦେଖ ଦାନବଙ୍କ ମାୟାବଳ । କେତେ ସହିବେ
ବୁଡ଼ାନ୍ତି କୂଳ । ସଦା । ପଶୁ ପରି ଧର୍ମ ପଶୁ ପରି କର୍ମ, ନ ବୁଝିଣ ଭ୍ର
କରୁଛନ୍ତି ଶ୍ରମ । ମର୍ମାହତ ହେବେ ଶେଷେ ପାଇ ଫଳାଫଳ । ୧ ।
କେଉଁ ସାହସ କରି ନାରୀ ନାଶ, ଲଭିବାକୁ ଯଶ ବଳାବନ୍ତ ଅଣ
ଲୋଭେ ଲୋଭୀ ହୋଇ ବୁଡ଼ାଇବେ ନିଜ ମୂଳ । ୨ । ପରଂବ୍ରହ୍ମ ଜ
କେ ପାରିବ ପୁଣି, କାଚ ଯେହ୍ନେ କାଚ ମଣି ଯେହ୍ନେ ମଣି । ପାଣି ଭ
ଶେଷେ ସବୁ ହୋଇବ ବିଫଳ । ୩ ।

(ରାମ ଲକ୍ଷ୍ମଣ ଓ ବିଭୀଷଣ)

ରାମ—ଲଙ୍କପତି !
ସୀତାର ବିରହ ଅଉ ନ ପାରିଦି ସହି

ଯେସନେ ପଶ୍ଚିମଦଗେ ଅସ୍ତ ହେଲେ ରବ
ଛବ ଦେଖାଇଣ ନଶା
ଅନ୍ଧକାର ଘୋଟିଯାଏ ଅବମୀମଣ୍ଡଳେ
ସେହସର ମୋ ହୃଦଅକାଶେ
ଅସ୍ତଗତ ଉତ୍ସାହ ତପନ
ଦୁଃଖନଶା ମଳନ ଭୁଷାରେ
ଭୂଷିତ ହୋଇଣ
ବାସ କରେ ମୋ ଅଙ୍ଗରାଜ୍ୟରେ
ନୁହେଁ ଏହୁ ଶୁକ୍ଳପକ୍ଷ ନଶା—
ସୀତାମୁଖ ଶୀତାଂଶୁ ଉଦତ
ଅଥବା ହୋଇବ ପୁର୍ବାକାଶେ
ଦୂର ହେବ ବଚ୍ଛେଦଅନ୍ଧାର
[ସାଧ ନା ମେଟିଲ ଅଶା ନା ପୂରିଲ – ବୃଥେ]

କହ ବଭୀଷଣ ଅନୁଜ ଲକ୍ଷ୍ମଣ ଦନୁଜକୁ କେଣ୍ଟେ ବଧିବ ॥ ଜନକ-ନନ୍ଦନା କନକବରନା ସୀତା ଲାଗି କେତେ କାନ୍ଦବ । ପଦ । ସତେ କଏ ବନ୍ଦୁ ଫେର ଯାଇ ଭାନୁବଂଶ ସିଂହାସନ ବନ୍ଦବ । ଧନୁର୍ଦ୍ଧାସ୍ପଦେଣେ ଖ୍ୟାତ କ୍ଷିତ ପରେ ପାଷାଣେ କ ସ୍ତୁତ ବାନ୍ଧିବ ॥ ନଜ ହତ ପାଇଁ ଜ୍ଞାନ ହତ ହୋଇ କେତେ କେତେ ଫାନ୍ଦ ପାନ୍ଧିବ । କେଉଁକାଳେ ସଖା ସୁଖରକୁଠାରେ ଦୁଃଖମହୀରୁହ ଛେଦବ । ୬ । ଅଉ କ ଅଯୋଧ୍ୟା ଫେରଯାଇ ମୁହିଁ ମାତାଙ୍କ ପଦ ଅରାଧିବ । ବଇଷ୍ଣବ ଭାଳେ ସୀତା ଘେନକୋଳେ ଭେଳେ ବାନ୍ଧବଳେ ଛନ୍ଦବ ॥

ଲକ୍ଷ୍ମଣ – ରବ ଚନ୍ଦ୍ର ତେଜ ଚନ୍ଦ୍ରାମଣି,
ସବୁଦନ ସମାନ ନ ଯାଏ,
ଦନ ପରେ ରାତ, ରାତି ପରେ ଦନ
ବହ ଲହଛନ୍ତି କାଳେ କାଳେ,
ଏହ ଜୀବଗଣ ପ୍ରତି ଘଟିଥାଏ
ସୁଖ ପରେ ଦୁଃଖ ଅଉ ଦୁଃଖ ପରେ ସୁଖ,

ତବ ଭାଗ୍ୟେ ନ ଘଟିବ କପାଁ ?
ପୁଣ୍ୟସୂର୍ଯ୍ୟ ଉଇଁଲେ ଅକାଶେ
ପଳାଇବ ଦୁଃଖ ଅନ୍ଧକାର ।

(ହନୁର ପ୍ରବେଶ)

ରାମ—ବସ ହନୁ ! କେଉଁନେଇ ଅଶ୍ରୁପୂର୍ଣ୍ଣ କମ୍ପ ?
କାହାସଙ୍ଗେ ଘଟିଲା ବିବାଦ ?
କେ ବା କ ରେ କଲା ରାମ ନିନ୍ଦା ?
କହ କହ ନିର୍ଭୟ ଅନ୍ତରେ ।

ହନୁ—କି କହିବି ରାଜୀବଲୋଚନ !
କହିଲେ ବିଦୀର୍ଣ୍ଣ ହୁଏ ହୃଦ
ରାକ୍ଷସକୁଳକଳଙ୍କ ମୂଢ଼ ଇନ୍ଦ୍ରଜିତ
ସୀତା ରଥେ ବସାଇଣ ବେଗେ
ମିଳିଲା ଅକାଶମାର୍ଗେ ପଶ୍ଚିମଦୁଆରେ
ଡ଼ାକ ଦେଲା ଅରେ ରେ ମର୍କଟ !
ଦେଖ ଦେଖ ସୀତାର ଦୁର୍ଗତି
ବାମକରେ ସୁକେଶୀର କେଶ
ଅକ୍ରୋଶେ ଧରିଣ ନିଶାଚର
କଟୁବାଣୀ କହିଲା ଅନେକ
ଦେଖି ତାର ଏମନ୍ତ କାରଣ
କ୍ରୋଧେ କାନ୍ଦି କହିଲେ ମା ମୋତେ
ରଖ ହନୁ ଦନୁଜ ହାତରୁ
ରଘୁମଣି ତବ ଗୁଣ ଗୁଣି
ଲକ୍ଷ୍ମଣ ଲକ୍ଷ୍ମଣ ବୋଲି କରନ୍ତେ କ୍ରନ୍ଦନ
ଶୁଣି ଅନ୍ଧହୀନପର ହେଲି ମୁହିଁ ।
ଭାବିଲି ମୁଁ କଟୁବାଣୀ କହିଲେ ଏହାକୁ
କ୍ରୋଧ ବହ୍ନି ଦେବ କାଳେ ହାଣି ।
ଏହା ଛଡ଼ା ଧର୍ମପଥ ଦେଖାଇଲି ତାକୁ

ନ ମାନିଲି ମୋ ବଚନସ୍ତୁ ଭାଷା—
ବୋଇଲି ସ୍ତ୍ରୀ ଯୋଗେ କଲ ଅମୃତ ଭୂମିର,
ଅଳଠାରୁ ଗଲି କଳ ମେଣ୍ଟି
ଏହା କହି ବେଳଃଶ୍ରକର
କାଷ୍ଟ ଫିଙ୍ଗି ଦେଇଗଲି ଭୂମେ
ଜୟ ଶବ୍ଦ ଉଚ୍ଚାର ଉଚ୍ଚାର
ଶୂନ୍ୟମାର୍ଗେ ପଳାଇଲି କାହିଁ,
ତାର ମୁହିଁ ନ ପାଇ ସନ୍ଧାନ
ଶ୍ରୀଛାମୂରେ କଲି ନିବେଦନ
ଦୋଷ କ୍ଷମା କର ମହାବାହୁ   (ଅଶ୍ରୁ ମୋଚନ)

ରାମ—ହା ଜନକନନ୍ଦିନୀ ସୀତେ ! ଅଭାଗା ରାମକୁ ଛାଡ଼ି ଗଲୁ କେଉଁ କେଣେ ।   (ପତନ)

(ଭାଇ ଭୀମ କରିବା କି ବୁଦ୍ଧି—ବୃତ୍ତେ)

ଅଯୋଧ୍ୟାକୁ ଫେରି ଯାରେ ଭାଇ । ଜାନକୀ ବିନା ଜୀବନେ ଆଉ ପ୍ରୟୋଜନ ନାହିଁ । ପଦ । ସଙ୍ଗେ ଘେନି ବିଭୀଷଣେ, ଚାଲିଯାଅ ଏକ୍ଷଣେ । ସିଂହାସନେ କର ନରସାଇଁ । ୧ । କହିଥିଲି ସତ୍ୟ କରି, ରାବଣକୁ ପ୍ରାଣେ ମାରି । ଦଣ୍ଡଧାରୀ ଏଣେ କରିବଇଁ । ୨ । ଥାଉ ଲଙ୍କାରେ ନରେଶ, ଆଉ ନାହିଁ ରଣେ ଆଶ । ବନବାସେ ଭ୍ରମୁଥିବ ମୁହିଁ । ୩ । ମହେନ୍ଦ୍ର କିଷ୍କିନ୍ଧ୍ୟା ଚାଲ, ସଙ୍ଗେ ଘେନି କପିବଳ । ଅତୁଳ ଐଶ୍ୱର୍ଯ୍ୟ ଭୁଞ୍ଜି ଯାଇ । ୪ । କାଳକ ବହୁଛି ଦୁଃଖ, ମୋ କରମେ ଗୃହସୁଖ । ନଲେଖିବ ବିକଳେ ଭାଷଇ । ୫ ।

ବଶି—ଅଯୋଧ୍ୟା ଦେଶ ନରେଶ ରାଜୀବଲୋଚନ
ଅସ୍ଥିର ହୋଇଣ ଆଉ ନ କର ରୋଦନ
ଅଧୀର କାର୍ଯ୍ୟ କରିଲେ ନ ଘଟେ ଦୁର୍ଗତି,
ସହଜେ ତ ବନପଶୁ ଅଟଇ ମାରୁତି,
ରାକ୍ଷସଙ୍କ ମାୟା କାହିଁ ସେ ପାରିବ ଜାଣି

ସବୁ ଜାଣି ବୃଥା ଭୀତ ହୁଅ ରଘୁମଣି,
ଅଶୋକ କାନନେ ହନୂ ଯାଉ ବେଗ ହୋଇ
ଦେଖିଆସୁ ସୀତା ଚନ୍ଦ୍ରେ ଅଛନ୍ତି କି ନାହିଁ,
ଫେରିଆସି ହନୂମାନ କହିଲେ ସଙ୍କେତ
ଚେଶିକ ଅନ୍ୟ ଉପାୟ ଅଛି ସୀତାନାଥ ।

ରାମ - ଯାଅରେ ମାରୁତି ଆଣ ଜାନକୀ ସମ୍ବାଦ,
ତୋ ଫେରିବାଯାଏ ପିଣ୍ଡେ ରହିଛି ପରାଣ ।

ହନୂ—ଯେ ଆଜ୍ଞା, (ପ୍ରସ୍ଥାନ)

ଲକ୍ଷ୍ମଣ—ଓଃ ଫାଟିଯାଏ ଛାତି
ମା ମା ଚେଜି ଏ ଲକ୍ଷ୍ମଣେ, ଏକ୍ଷଣେ ତୁ ରହିଅଛୁ କାହିଁ ?
ଆଜଠାରୁ ମାତୃହୀନ ଅଭାଗା ଲକ୍ଷ୍ମଣ
ମାଆ ବୋଲି ଡ଼ାକିବ କାହାକୁ
ରେ ମୂଢ଼ ରାକ୍ଷସ ! ବଧ କଲୁ ମାତାର ଜୀବନ
ସେହି ଦୋଷେ ବିନାଶିବ ତୋତେ
ସେହି ଦୋଷେ ବଧିବ ରାବଣେ
କନକ ଲଙ୍କା ଭୁବନ କରି ଛାରଖାର
ନିକ୍ଷେପିବ ସମୁଦ୍ର ସଲିଳେ
ଶୀଘ୍ର ଭାଇ ଦିଅ ଅସି (ଅସି ଧାରଣ)
ହେ ପୃଥ୍ୱୀବାସୀ ଜୀବଗଣେ, ବ୍ରହ୍ମା, ଇନ୍ଦ୍ର, ବରୁଣ, କୁବେର
ଶୁଣିଥାଅ ଦଶଦିଗପାଳେ, ଅସି ଛୁଇଁ କରୁଛି ନିୟମ ।
ନିଶ୍ଚେ ନିଶ୍ଚେ ଇନ୍ଦ୍ରଜିତ ରକ୍ତେ, ଅସିତୃଷ୍ଣା ହେବ ନିବାରିତ ।
ନୋହିଲେ ନିଜ ବକ୍ଷରେ କରିବି ପ୍ରହାର
ଏକାବେଳେ ମାତା ପୁତ୍ର ଯିବୁ ଏ ସଂସାରୁ ।

ନିଖା—ସ୍ଥିର ହୁଅ ବୀରବର !
ଆସୁଅଛି ପବନକୁମର, ପ୍ରଫୁଲ୍ଲବଦନ ଦିଶୁଅଛି ତାର
କି ସମ୍ବାଦ କହିବ ଏକ୍ଷଣି (ହନୂର ପ୍ରବେଶ)

ରାମ—ବତ୍ସ ହନୂ ଦେଖିଲୁକି ଅଙ୍କଲକ୍ଷ୍ମୀ ନିଶାକରମୁଖୀ

ପ୍ରବେଶିଲୁ ମୋ ଅଶୋକ କାନନେ ?
ଦେଖି ତୋତେ

ହନୂ—ମହାବାହୁ !
ତବ ଅଙ୍ଗ ଯେବେ ପ୍ରବେଶିଲି ଅଶୋକକାନନେ
ଦେଖିଲିମାଙ୍କେ ମାତା, ପଚାରିଲେ ତବ ଶରୀର ମଙ୍ଗଳ ।

(ଦୃଷ୍ଟ କରଧର ହର ବୋଇଲେ କଶୋଦା—ବୃତ୍ତେ)
ରଘୁବଂଶମଣି ମୁହିଁ କହିଲି ସକଳ
ଶୁଣିଣ ମୋ ବାଣୀ ମାତା ହୋଇଲେ ବିକଳ ।
ନୟନରୁ ନୀରଧାର,
ତେଜି ମୁକୁଳିତକେଶା ବୋଇଲେ ଉତ୍ତର । ୧ ।

ବୋଇଲେ ମାରୁତି ଯେବେ ମୃତ୍ୟୁ ମୋତେ ହେବ,
ଅସୁରମାନଙ୍କ ବେହାଘାତ କେ ସହିବ,
ଯାହା ଲେଖିଛି କପାଳେ,
ଦମ୍ପତିସମ୍ପତ୍ତି ଭୋଗ ନାହିଁ ଯୁବାକାଳେ । ୨ ।

କହିବୁ ନାଥଙ୍କୁ ମୋର ମାଗୁଣି ଏତିକ,
'ସେ ନୀଳନୀରଦ ମୁହିଁ ଅଟଇ ଚାତକ,
ତଥ୍ୟ ନ କରିବେ ଦୂର,
ବଜ୍ରକୁ ଡରଣ ମଣି ଛାଡ଼େ କି ଭୂଧର । ୩ ।

ଯାଅ ହନୁ ଜଣାଇବୁ ଭାନୁବଂଶଧରେ,
ଅନୁସରିଥିବେ ଯନ୍ତୁ ପକାଇ ଧସରେ,
ତହିଁ ପଡ଼ି ଶ୍ରୀଚରଣେ,
ମେଲାଣି ହୋଇଲି ପାଣି ବଇଷ୍ଣବ ଭଣେ । ୪ ।

ରାମ—ଧନ୍ୟ ବତ୍ସ ପବନନନ୍ଦନ,
ତୋହ ଯୋଗେ ରହିଲା ଏ ଜୀବ
ମାଗ ବର ଯାହା ଇଚ୍ଛା ତୋର ।'

ହନୂ—ବୈକୁଣ୍ଠବିହାରି !
ନାହିଁ ମୋର ଆପତ୍ତି ତହିଁରେ,
ଦେବଗଣସେବିତ ଯେ ପଦ
ସେ ପଦପଙ୍କଜରଜ ଦେଇ କର ତୋଷ ।
ରାମ—ନାହିଁ ମୋର ଆପତ୍ତି ତହିଁରେ,
ପୂର୍ଣ୍ଣ ହେଉ ତବ ମନସ୍କାମ
ହନୂ—ଯେ ଆଜ୍ଞା (ପଦରଜ ସେଚନ)

ଧନ୍ୟ ହନୂମାନ ଧନ୍ୟ ତୋ ଜୀବନ ରାମପଦରଜ ପାଇଲୁ । ଜନ୍ମ ଜନ୍ମାନ୍ତର ଯେତେ ପାପଭାର ତହିଁରୁ ବଞ୍ଚିତ ହୋଇଲୁ । ପଦ । ଧନ୍ୟ ତୋର ମାତା ଧନ୍ୟ ତୋର ପିତା । ଯାହା ନପାଇଲେ ମନେ କର ଚିନ୍ତା । କମଳାଙ୍କ କରେ ଯେ ପଦ୍ମ ଶୋଭିତା ତାହା ତୁ ଶ୍ରୀକରେ ଧଇଲୁ । ୧ । ଅମରବାଞ୍ଛିତ ଯେଉଁ ପଦଧୂଳି । ଯାହା ଶିରେ ଧରି ନିସ୍ତରିଲା କାଳି । ଯା ପରଶେ ଶିଳା ହୋଇଗଲା ବାଳୀ ତାହା ଅବହେଳେ ପାଇଲୁ । ୨ । ଅଜ କ ସୁଯୋଗେ ପାଇଥିଲା ଗଜ । ଲଭିଲୁ ତୁ ତାହା ହୋଇ ପଶୁ ଜାତ । ବଇଷ୍ଣବ ବୋଲେ ଥିଲା ତୋର ଭଲେ ସେ ପଦ ମହିମା ଗାଇଲୁ । ୩ ।

ରାମ—ଧନ୍ୟ ଲଙ୍କପତି ବିଭୀଷଣ !
ବୁଦ୍ଧିଦାତା ତୁମ୍ଭେ ମୋର ସଦା
ତବ ଯୋଗେ ବହୁ କାର୍ଯ୍ୟ ସିଦ୍ଧ ହେଲା ମୋର ।
ତବ ବୁଦ୍ଧିବଳେ ମୁହିଁ ବଧିବି ରାବଣେ
ଏକ୍ଷଣି ଉପାୟ କିସ କରିବଇଁ ସଖା ?
ବିଭୀ—ରାଘବେନ୍ଦ୍ର !
କର୍ତ୍ତବ୍ୟ କାର୍ଯ୍ୟରେ ତ୍ରୁଟି ନ କର କଦାପି
ପାପମତି ରାବଣ ନନ୍ଦନ
ମାୟାସୀତା କାଟିବାରୁ ମନେ କର ଅଣ୍ଣ